# NATIONAL NEWS BULLETIN (ODIA)

**3 September - 2024**

**Mid Bulletin : 1.50 p.m.**

---

## ମୁଖ୍ୟ ସମ୍ବାଦ

- ଦେଶର ସମସ୍ତ ଶିକ୍ଷାନୁଷ୍ଠାନ ବାଳିକାମାନଙ୍କ ପାଇଁ ସୁରକ୍ଷିତ ପରିବେଶ ସୃଷ୍ଟି କରିବା ଉପରେ ଗୁରୁତ୍ୱ ପ୍ରଦାନ କରିଛନ୍ତି ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ।

- ବ୍ରୁନେଇ ଓ ସିଙ୍ଗାପୁର ଗସ୍ତରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ।

– ଦୁଇ ଦେଶ ସହ ଭାଗିଦାରୀ ସୁଦୃଢ଼ କରିବା ଏହି ଗସ୍ତର ଉଦ୍ଦେଶ୍ୟ; କହିଲେ ପ୍ରଧାନମନ୍ତ୍ରୀ

- ଭାରତୀୟ ତଟରକ୍ଷୀ ବାହିନୀ ହେଲିକପ୍ଟରର ଜରୁରୀ ଅବତରଣ; ୩ ସଦସ୍ୟ ନିଖୋଜ ।

– ବିଶ୍ୱ ନବାଚାର ସୂଚକାଙ୍କ-୨୦୨୩ରେ ୪୦ତମ ସ୍ଥାନରେ ଭାରତ ।

ଏବଂ

- ଶ୍ରୀଲଙ୍କାରେ ରାଷ୍ଟ୍ରପତି ନିର୍ବାଚନ ନିମନ୍ତେ ପ୍ରସ୍ତୁତି ଆରମ୍ଭ ।

# ପୁନେ-ପ୍ରେସିଡେଣ୍ଟ

ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ କହିଛନ୍ତି, ସମସ୍ତ ଶିକ୍ଷାନୁଷ୍ଠାନ ବାଳିକାମାନଙ୍କ ପାଇଁ ଏକ ସୁରକ୍ଷିତ ପରିବେଶ ସୃଷ୍ଟି କରିବା ଉଚିତ, କାରଣ ସେମାନେ ଦେଶର ବିକାଶର ଏକ ଅବିଚ୍ଛେଦ୍ୟ ଅଙ୍ଗ । ଆଜି ପୁଣେସ୍ଥିତ ସିମ୍ବିୟୋସିସ୍ ବିଶ୍ୱବିଦ୍ୟାଳୟର ୨୧ତମ ସମାବର୍ତ୍ତନ ଉତ୍ସବରେ ସେ ଏହା କହିଛନ୍ତି। ସେ ଲିଙ୍ଗଗତ ସମାନତା ଉପରେ ଗୁରୁତ୍ୱ ଦେଇ ଅନ୍ତର୍ଭୁକ୍ତି ବିକାଶ ଦିଗରେ ବିଶ୍ୱବିଦ୍ୟାଳୟର ପ୍ରୟାସକୁ ପ୍ରଶଂସା କରିବା ସହ ୧୧ ଜଣ ସ୍ୱର୍ଣ୍ଣ ପଦକ ବିଜେତାଙ୍କ ମଧ୍ୟରୁ ୮ ଜଣ ଝିଅ ବୋଲି କହିଥିଲେ।

ଶିକ୍ଷାନୁଷ୍ଠାନଗୁଡ଼ିକ ମୂଲ୍ୟବୋଧ ଭିତ୍ତିକ ଶିକ୍ଷା ପ୍ରଦାନ କରିବା ଏବଂ ଛାତ୍ରଛାତ୍ରୀଙ୍କୁ ସମାଜର ସଂସ୍କୃତି ଓ ଆବଶ୍ୟକତାକୁ ବୁଝିବାରେ ସାହାଯ୍ୟ କରିବା ଲକ୍ଷ୍ୟ ରଖିବା ଉଚିତ ବୋଲି ଗୁରୁତ୍ୱାରୋପ କରି ଶ୍ରୀମତୀ ମୁର୍ମୁ ବିଶେଷ କରି ସମାଜର ଅବହେଳିତ ବର୍ଗଙ୍କୁ ଦୃଷ୍ଟିରେ ରଖି ସ୍ୱାସ୍ଥ୍ୟସେବା ଉତ୍ପାଦ ବିକଶିତ କରିବାକୁ ପରାମର୍ଶ ଦେଇଥିଲେ। ବିଶ୍ୱବିଦ୍ୟାଳୟର ଅନ୍ତର୍ଜାତୀୟ ଛାତ୍ରମାନେ ସେମାନଙ୍କ ଜ୍ଞାନ ଓ କୌଶଳକୁ ନିଜ ନିଜ ଦେଶରେ ମାନବିକତାର ଉନ୍ନତି ପାଇଁ ବ୍ୟବହାର କରିବେ ବୋଲି ସେ ଆଶା ବ୍ୟକ୍ତ କରିଥିଲେ। ମହାରାଷ୍ଟ୍ର ରାଜ୍ୟପାଳ ସି.ପି.ରାଧାକ୍ରିଷ୍ଣନ ଏବଂ ସେଠାକାର ରାଜ୍ୟ ଉଚ୍ଚ ଓ ବୈଷୟିକ ଶିକ୍ଷା ମନ୍ତ୍ରୀ ଚନ୍ଦ୍ରକାନ୍ତ ପାଟିଲ ଏହି ଅବସରରେ ଉପସ୍ଥିତ ଥିଲେ। ସିମ୍ବିୟୋସିସ୍ ବିଶ୍ୱବିଦ୍ୟାଳୟରେ ୮୫ଟି ଦେଶର ଛାତ୍ରଛାତ୍ରୀ ଅଧ୍ୟୟନ କରୁଛନ୍ତି, ଯେଉଁମାନେ ନିଜ ନିଜ ଦେଶର ପତାକା ରାଷ୍ଟ୍ରପତିଙ୍କୁ ପ୍ରଦାନ କରିଛନ୍ତି।

# ପିଏମ୍-ବ୍ରୁନେଇ ସିଙ୍ଗାପୋର ଭିଜିଟ୍

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଆଉ କିଛି ସମୟ ପରେ ବ୍ରୁନେଇରେ ପହଞ୍ଚିବେ। ବ୍ରୁନେଇ ଓ ସିଙ୍ଗାପୁର ଗସ୍ତର ପ୍ରଥମ ପର୍ଯ୍ୟାୟରେ ଆଜି ଅପରାହ୍ନରେ ମୋଦି ବନ୍ଦର ସେରି ବେଗଓ୍ୱାନରେ ପହଞ୍ଚିବେ। ବ୍ରୁନେଇ ଅନ୍ତର୍ଜାତୀୟ ବିମାନବନ୍ଦରରେ ପହଞ୍ଚିବା ପରେ ପ୍ରଧାନମନ୍ତ୍ରୀଙ୍କୁ ଆନୁଷ୍ଠାନିକ ଭାବେ ସ୍ୱାଗତ କରାଯିବ । ସେଠାକରେ ବସବାସ କରୁଥିବା ଭାରତୀୟ ସମ୍ପ୍ରଦାୟ ମଧ୍ୟ ଶ୍ରୀ ମୋଦୀଙ୍କୁ ସ୍ୱାଗତ କରିବାର କାର୍ଯ୍ୟକ୍ରମ ରହିଛି। ଗସ୍ତର ପ୍ରଥମ ଦିନରେ ପ୍ରଧାନମନ୍ତ୍ରୀ ବ୍ରୁନେଇଠାରେ ଭାରତୀୟ ଉଚ୍ଚାୟୁକ୍ତଙ୍କ କାର୍ଯ୍ୟାଳୟ ନ୍ୟୁ ଚାନ୍ସେରୀକୁ ଉଦଘାଟନ କରିବେ। ସେ ଓମାର ଅଲ୍ଲୀ ସୈଫୁଦ୍ଦିନ ମସଜିଦ ପରିଦର୍ଶନ କରିବାର ମଧ୍ୟ କାର୍ଯ୍ୟକ୍ରମ ରହିଛି।

ବ୍ରୁନେଇ ଏବଂ ସିଙ୍ଗାପୁର ଗସ୍ତ ପୂର୍ବରୁ ଶ୍ରୀ ମୋଦୀ କହିଛନ୍ତି, ଦୁଇ ଦେଶ ଏବଂ ବୃହତ ଆସିଆନ ଅଞ୍ଚଳ ସହିତ ଭାରତର ଭାଗିଦାରୀକୁ ଏହି ଗସ୍ତ ଆହୁରି ସୁଦୃଢ଼ କରିବ। ଭାରତର ଆକ୍ଟ ଇଷ୍ଟ ପଲିସି ଏବଂ ଇଣ୍ଡୋ-ପ୍ୟାସିଫିକ ଭିଜନରେ ଉଭୟ ଦେଶ ଗୁରୁତ୍ୱପୂର୍ଣ୍ଣ ଅଂଶୀଦାର ବୋଲି ସେ କହିଛନ୍ତି । ପ୍ରଧାନମନ୍ତ୍ରୀ କହିଛନ୍ତି, ସେ ବ୍ରୁନେଇ ଦାରୁସଲାମକୁ ପ୍ରଥମ ଦ୍ୱିପାକ୍ଷିକ ଗସ୍ତରେ ଯାଉଛନ୍ତି । ଭାରତ ଏବଂ ବ୍ରୁନେଇ କୂଟନୈତିକ ସମ୍ପର୍କର ୪୦ ବର୍ଷ ପୂର୍ତ୍ତି ପାଳନ କରୁଥିବା ବେଳେ ସେ ସୁଲତାନ ହାଜି ହସନାଲ ବୋଲକିଆ ଏବଂ ରାଜପରିବାରର ଅନ୍ୟ ସମ୍ମାନିତ ସଦସ୍ୟଙ୍କ ସହ ତାଙ୍କର ସାକ୍ଷାତକୁ ଅପେକ୍ଷା କରିଛନ୍ତି।

ଆସନ୍ତାକାଲି ଶ୍ରୀ ମୋଦୀ ବ୍ରୁନେଇରୁ ସିଙ୍ଗାପୁର ଯିବେ। ଏ ସମ୍ପର୍କରେ ଶ୍ରୀ ମୋଦୀ କହିଛନ୍ତି, ସେ ରାଷ୍ଟ୍ରପତି ଥର୍ମାନ ଶାନ ମୁଗାରତ୍ନମ୍, ପ୍ରଧାନମନ୍ତ୍ରୀ ଲରେନ୍ସ ଓ୍ୱାଙ୍ଗ ଓ ବରିଷ୍ଠ ମନ୍ତ୍ରୀ ଲି’ ସିଏନ୍ ଲୁଙ୍ଗ୍‌ଙ୍କୁ ସାକ୍ଷାତ କରିବେ। ଏହି ଗସ୍ତ ଅବସରରେ ସେ ସିଙ୍ଗାପୁରର ବ୍ୟବସାୟୀ ସମୁଦାୟ ସହ ଆଲୋଚନା କରିବାର କାର୍ଯ୍ୟକ୍ରମ ରହିଛି। ପ୍ରଧାନମନ୍ତ୍ରୀ କହିଛନ୍ତି, ସେ ସିଙ୍ଗାପୁର ସହିତ ରଣନୈତିକ ଭାଗିଦାରୀକୁ ଆହୁରି ନିବିଡ଼ କରିବା ପାଇଁ ଆଲୋଚନା କରିବାକୁ ଆଗ୍ରହୀ।

## ଜୟଶଙ୍କର-ସିଙ୍ଗାପୋର

ଭାରତ ଓ ସିଙ୍ଗାପୁର ମଧ୍ୟରେ ଦ୍ୱିପାକ୍ଷିକ ସମ୍ପର୍କକୁ ପରବର୍ତ୍ତୀ ପର୍ଯ୍ୟାୟକୁ ନେବାର ସମୟ ଆସିଛି ବୋଲି ବୈଦେଶିକ ବ୍ୟାପାର ମନ୍ତ୍ରୀ ଡକ୍ଟର ଏସ୍ ଜୟଶଙ୍କର କହିଛନ୍ତି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ସିଙ୍ଗାପୁର ଗସ୍ତ ପୂର୍ବରୁ ସେଠାକାର ଏକ ଇଂରାଜୀ ଦୈନିକ ଖବରକାଗଜକୁ ସାକ୍ଷାତକାର ଅବସରରେ ଡକ୍ଟର ଜୟଶଙ୍କର କହିଛନ୍ତି, ଦୁଇ ଦେଶ ମଧ୍ୟରେ ଗତ ଦୁଇ ଦଶନ୍ଧି ଧରି ସମ୍ପର୍କ ଅତ୍ୟନ୍ତ ସୁଦୃଢ଼ ରହିଛି।

ଦ୍ୱିପାକ୍ଷିକ ସମ୍ପର୍କ ବ୍ୟତୀତ ଏକ ଅସ୍ଥିର ଏବଂ ଅନିଶ୍ଚିତ ବିଶ୍ୱରେ ଦୁଇ ଦେଶ ମଧ୍ୟରେ ଘନିଷ୍ଠ ସହଯୋଗର ପ୍ରସଙ୍ଗ ମଧ୍ୟ ରହିଛି ବୋଲି ସେ କହିଛନ୍ତି। ମନ୍ତ୍ରୀ ଆହୁରି ମଧ୍ୟ କହିଛନ୍ତି, ଏହି ପରିପ୍ରେକ୍ଷୀରେ ଉଭୟ ଦେଶ ସ୍ୱୀକାର କରିବା ଉଚିତ ଯେ ଆମ ମଧ୍ୟରେ ଥିବା ଭାଗିଦାରୀ ବିଶ୍ୱାସ ଏବଂ ବୁଝାମଣା ଉପରେ ଆଧାରିତ।

ଇତିମଧ୍ୟରେ ସିଙ୍ଗାପୁରରେ ଅବସ୍ଥାପିତ ଭାରତୀୟ ହାଇକମିଶନର ଡକ୍ଟର ଶିଲ୍ପାକ ଆମ୍ବୁଲେ କହିଛନ୍ତି, ଭାରତ ଏବଂ ସିଙ୍ଗାପୁର ନୂତନ ଓ ବିକାଶୋନ୍ମୁଖୀ କ୍ଷେତ୍ରରେ ଅଧିକ ବୁଝାମଣା ନିମନ୍ତେ ପଥପ୍ରସ୍ତୁତ କରୁଛନ୍ତି।

## ଭୁପେନ୍ଦର- ଏକ ପେଡ଼ ମା' କେ ନାମ

'ଏକ ପେଡ୍ ମା କେ ନାମ' ଅଭିଯାନରେ ଏପର୍ଯ୍ୟନ୍ତ ୫୨ କୋଟିରୁ ଅଧିକ ଚାରା ରୋପଣ କରାଯାଇଛି। ପରିବେଶ, ଜଙ୍ଗଲ ଓ ଜଳବାୟୁ ପରିବର୍ତ୍ତନ ମନ୍ତ୍ରୀ ଭୂପେନ୍ଦର ଯାଦବ ଏକ ସାମାଜିକ ଗଣମାଧ୍ୟମ ପୋଷ୍ଟରେ କହିଛନ୍ତି, 'ଏକ ପେଡ୍ ମା କେ ନାମ' ଅଭିଯାନରେ ଆଉ ଏକ ମାଇଲଖୁଣ୍ଟ ହାସଲ ହୋଇଛି। ବିଶ୍ୱ ପରିବେଶ ଦିବସ ଅବସରରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଏହି ଅଭିଯାନର ଶୁଭାରମ୍ଭ କରିଥିଲେ । ମା'ଙ୍କ ଉଦ୍ଦେଶ୍ୟରେ ସମସ୍ତେ  ଗୋଟିଏ ଗୋଟିଏ ଗଛ ଲଗାଇବା ପାଇଁ ଶ୍ରୀ ମୋଦୀ ଆହ୍ୱାନ ଦେଇଥିଲେ।

## କୋଷ୍ଟ ଗାର୍ଡ ହେଲିକପ୍ଟର

ଭାରତୀୟ ତଟରକ୍ଷୀ ବାହିନୀର ଏକ ହେଲିକପ୍ଟର ଗତକାଲି ରାତିରେ ଜରୁରୀକାଳୀନ ପରିସ୍ଥିତିରେ ଅବତରଣ କରିବା ସମୟରେ ଗୁଜରାଟର ପୋରବନ୍ଦର ଉପକୂଳ ଆରବ ସାଗରରେ ଖସି ପଡ଼ିଥିଲା। ଏଥିରେ ଚାଳକ ଦଳର  ୪ ଜଣ ସଦସ୍ୟ ରହିଥିଲେ। ସେମାନଙ୍କ ମଧ୍ୟରୁ ଜଣେ ସଦସ୍ୟଙ୍କୁ ଉଦ୍ଧାର କରାଯାଇଥିବା ବେଳେ ଅନ୍ୟ ୩ ଜଣଙ୍କୁ ଠାବ କରିବା ପାଇଁ ତଲାସି ଅଭିଯାନ ଜାରି ରହିଛି। ଭାରତୀୟ ତଟରକ୍ଷୀ ବାହିନୀ ପକ୍ଷରୁ କୁହାଯାଇଛି, ମୋଟର ଟ୍ୟାଙ୍କର ହରି ଲୀଳାରୁ ଜଣେ ଆହତ କ୍ରୁ ସଦସ୍ୟଙ୍କୁ ସୁରକ୍ଷିତ ଉଦ୍ଧାର କରିବା ଲାଗି ଗତ ରାତିରେ

ଆଡଭାନ୍ସ ଲାଇଟ୍ ହେଲିକପ୍ଟରରର ସହାୟତା ନିଆଯାଇଥିଲା। ତେବେ ବର୍ତ୍ତମାନ ଉଦ୍ଧାର କାର୍ଯ୍ୟରେ ୪ଟି ଜାହାଜ ଓ ୨ଟି ବିମାନ ନିୟୋଜିତ କରାଯାଇଛି।

## ଇଣ୍ଡିଆ- ଇନୋଭେସନ୍ ଇଣ୍ଡେକ୍ସ

ବିଶ୍ୱ ବୌଦ୍ଧିକ ସମ୍ପତ୍ତି ସଂଗଠନ ଦ୍ୱାରା ପ୍ରକାଶିତ ବିଶ୍ୱ ନବାଚାର ସୂଚକାଙ୍କ-୨୦୨୩ ସଂସ୍କରଣରେ ବିଶ୍ୱର ୧୩୨ଟି ଅର୍ଥନୀତି ମଧ୍ୟରେ ଭାରତ ୪୦ତମ ସ୍ଥାନ ହାସଲ କରିଛି। ନୀତି ଆୟୋଗ କହିଛି, ଗତ ଦଶନ୍ଧି ମଧ୍ୟରେ ଦ୍ରୁତ ଗତିରେ ବିଶ୍ୱ ନବାଚାର ସୂଚକାଙ୍କ ମାନ୍ୟତା ହାସଲ କରିଥିବା ଦେଶମାନଙ୍କ ମଧ୍ୟରେ ଭାରତ ରହିଛି। ରିପୋର୍ଟ ଅନୁଯାୟୀ, ଗତ ଏକ ଦଶନ୍ଧି ମଧ୍ୟରେ ଭାରତ ନବସୃଜନ କ୍ଷେତ୍ରରେ ସର୍ବାଧିକ ଅଗ୍ରଗତି କରୁଛି। ଅର୍ଥନୈତିକ ବିକାଶ ସ୍ତର ତୁଳନାରେ ନବସୃଜନ କ୍ଷେତ୍ରରେ ଆଶାଠାରୁ ଅଧିକ ପ୍ରଦର୍ଶନ କରିଥିବାରୁ ଭାରତ ଆଞ୍ଚଳିକ ବିଶ୍ୱ ନବାଚାର ସୂଚକାଙ୍କ କ୍ଷେତ୍ରରେ ମାନ୍ୟତା ଲାଭ କରିଛି। କ୍ରମାଗତ ତ୍ରୟୋଦଶ ବର୍ଷ ପାଇଁ ଭାରତ ଉତ୍ତମ ପ୍ରଦର୍ଶନ କରିବାର ରେକର୍ଡ ସୃଷ୍ଟି କରିଛି।

## ଶ୍ରୀଲଙ୍କା ଇଲେକସନ

ଶ୍ରୀଲଙ୍କାରେ ରାଷ୍ଟ୍ରପତି ନିର୍ବାଚନ ନିମନ୍ତେ ମତଦାନର ପ୍ରଥମ ପର୍ଯ୍ୟାୟ ପାଇଁ ପ୍ରସ୍ତୁତି ଆରମ୍ଭ ହୋଇଛି। ଗତ ସପ୍ତାହରେ ୭ ଲକ୍ଷରୁ ଅଧିକ ସରକାରୀ କର୍ମଚାରୀ ଡାକ ଜରିଆରେ ମତଦାନ କରିଛନ୍ତି। ଚଳିତ ରାଷ୍ଟ୍ରପତି ନିର୍ବାଚନରେ ୨୮ ଜଣ ପ୍ରାର୍ଥୀ ପ୍ରତିଦ୍ୱନ୍ଦିତା କରୁଛନ୍ତି। ଶ୍ରୀଲଙ୍କା ନିର୍ବାଚନ ଆୟୋଗର ସୂଚନା ଅନୁଯାୟୀ, ରାଷ୍ଟ୍ରପତି ନିର୍ବାଚନ ନିମନ୍ତେ ପୋଷ୍ଟାଲ ମତଦାନ ଆସନ୍ତାକାଲି ଶେଷ ହେବ।

## ପିଏମ୍- ନିତ୍ୟ ଶ୍ରେ ସେଭନ

ପ୍ୟାରିସ୍ ପାରାଲିମ୍ପିକ୍ସରେ ମହିଳା ଏକକ ବ୍ୟାଡମିଣ୍ଟନ ଏସ.ଏଚ-୬ ବର୍ଗରେ ବ୍ରୋଞ୍ଜ ପଦକ ଜିତିଥିବାରୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ନିତ୍ୟା ସ୍ରେ ଶିବନଙ୍କୁ ଅଭିନନ୍ଦନ ଜଣାଇଛନ୍ତି। ସାମାଜିକ ଗଣମାଧ୍ୟମ ପୋଷ୍ଟରେ ଶ୍ରୀ ମୋଦି ତାଙ୍କୁ ପ୍ରଶଂସା କରିବା ସହ ତାଙ୍କ ଏହି ସଫଳତା ଅଗଣିତ ଭାରତୀୟଙ୍କୁ ପ୍ରେରଣା ଦେଇଛି ବୋଲି କହିଛନ୍ତି। ସେ କହିଛନ୍ତି, ଏହି ବିଜୟ ତାଙ୍କ ଉତ୍ସାହ ଏବଂ ଖେଳ ପ୍ରତି ସମର୍ପଣକୁ ଦର୍ଶାଉଛି।

## ହରିୟାଣା-ଆକ୍ସିଡେଣ୍ଟ

ହରିୟାଣାର ଜିନ୍ଦ ଜିଲ୍ଲାରେ ଶ୍ରଦ୍ଧାଳୁଙ୍କୁ ନେଇ ଯାଉଥିବା ଗାଡ଼ିକୁ ଏକ ଟ୍ରକ୍ ଧକ୍କା ଦେବାରୁ ୮ ଜଣଙ୍କ ମୃତ୍ୟୁ ଘଟିଥିବା ବେଳେ ୯ ଜଣ ଆହତ ହୋଇଛନ୍ତି। ନରୱାଣା ନିକଟ ହିସାର ଚଣ୍ଡିଗଡ଼ ଜାତୀୟ ରାଜପଥରେ ଗତ ମଧ୍ୟରାତ୍ରିରେ ଏହି ଦୁର୍ଘଟଣା ଘଟିଛି। ଦୁର୍ଘଟଣା ସମ୍ପର୍କରେ ଖବର ପାଇ ନରୱାଣା ପୁଲିସ ଘଟଣାସ୍ଥଳରେ ପହଞ୍ଚି ଆହତମାନଙ୍କୁ ସିଭିଲ ହସ୍ପିଟାଲରେ ଭର୍ତ୍ତି କରିଛି। ଏହାପରେ ଗୁରୁତର ଅବସ୍ଥାରେ ଆହତମାନଙ୍କୁ ଅଗ୍ରୋହା ପି.ଜି.ଆଇ ହସ୍ପିଟାଲକୁ ପଠାଯାଇଥିଲା। ଏହି ଘଟଣାରେ ପୁଲିସ ଏକ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଛି।

## ଇସ୍ରାଏଲ-ବେଞ୍ଜାମିନ୍ ନେତନ୍ୟାହୁ

ଇସ୍ରାଏଲ ପ୍ରଧାନମନ୍ତ୍ରୀ ବେଞ୍ଜାମିନ ନେତନ୍ୟାହୁ କହିଛନ୍ତି, ଗାଜା-ଇଜିପ୍ଟ ସୀମାରେ ଥିବା ଫିଲାଡେଲଫି କରିଡରରେ ଇସ୍ରାଏଲ ପ୍ରତିରକ୍ଷା ବାହିନୀକୁ ମୁତୟନ ରଖିବା’ ଇସ୍ରାଏଲ ପାଇଁ ଏକ ରଣନୈତିକ

ଆବଶ୍ୟକତା ଏବଂ ଜରୁରୀ ଅଟେ । ଏକ ବିବୃତ୍ତିରେ ନେତନ୍ୟାହୁ କହିଛନ୍ତି, ଯୁଦ୍ଧ ଲକ୍ଷ୍ୟ ହାସଲ କରିବା ପାଇଁ ଇସ୍ରାଏଲକୁ ୧୪ କିଲୋମିଟର ଅଞ୍ଚଳ ଜରୁରୀ।

ଗତ ସପ୍ତାହରେ ଗାଜା ସୁଡ଼ଙ୍ଗରେ ୬ ଜଣ ବନ୍ଧକଙ୍କୁ ହତ୍ୟା କରିବା ଅଭିଯୋଗରେ ହମାସକୁ ବହୁ ମୂଲ୍ୟ ଦେବାକୁ ପଡ଼ିବ ବୋଲି ନେତନ୍ୟାହୁ କହିଛନ୍ତି। ଇତିମଧ୍ୟରେ ହଜାର ହଜାର ଲୋକ ଗାଜାରେ ପଣବନ୍ଦୀ ଥିବା ଲୋକମାନଙ୍କୁ ଫେରାଇ ଆଣିବା ପାଇଁ ହମାସ ସହ ଅସ୍ତ୍ରବିରତି ନିମନ୍ତେ ଦାବି କରି ସମଗ୍ର ଦେଶରେ ରାଲି ଓ ବିକ୍ଷୋଭ ପ୍ରଦର୍ଶନ କରୁଛନ୍ତି।

---

## ସାଉଥ୍ ଆଫ୍ରିକା-ଟିଟିଓଏସ୍

ଦକ୍ଷିଣ ଆଫ୍ରିକା' ଭାରତ ଏବଂ ଚୀନର ପର୍ଯ୍ୟଟନ ବଜାର ଉପରେ ଧ୍ୟାନ କେନ୍ଦ୍ରୀତ କରି ନୂତନ ଭାବେ ଟ୍ରଷ୍ଟେଡ୍ ଟୁର୍ ଅପରେଟର ସ୍କିମ୍ ଘୋଷଣା କରିଛି।

ଆସନ୍ତା ବର୍ଷ ଜାନୁଆରୀରୁ ଏହି ଯୋଜନା କାର୍ଯ୍ୟକାରୀ ହେବ ବୋଲି ସେଠାକାର ଗୃହ ବିଭାଗ ପକ୍ଷରୁ କୁହାଯାଇଛି। ଭିସା ବ୍ୟବସ୍ଥାରେ ସଂସ୍କାର ଆଣିବା ଏବଂ ପର୍ଯ୍ୟଟନ କ୍ଷେତ୍ରରେ ନିଯୁକ୍ତି ବୃଦ୍ଧି କରିବା ଏହି ଯୋଜନାର ଉଦ୍ଦେଶ୍ୟ ରହିଥିବା ଅନୁମାନ କରାଯାଉଛି। ଦକ୍ଷିଣ ଆଫ୍ରିକା ବିଶ୍ୱର ଦ୍ୱିତୀୟ ଓ ପଞ୍ଚମ ବୃହତ୍ତମ ଅର୍ଥନୀତି ପାଇଁ ଏକ ପସନ୍ଦ ଯୋଗ୍ୟ ପର୍ଯ୍ୟଟନ ସ୍ଥଳୀରେ ପରିଣତ ହେବା କ୍ଷେତ୍ରରେ ଥିବା ପ୍ରମୁଖ ପ୍ରତିବନ୍ଧକକୁ ଏହି ଯୋଜନା ଦୂର କରିବ। ସେଠାକାର ସରକାରଙ୍କ କହିବା ଅନୁଯାୟୀ, ଦକ୍ଷିଣ ଆଫ୍ରିକାକୁ ଆସୁଥିବା ଅନ୍ତର୍ଜାତୀୟ ପର୍ଯ୍ୟଟକଙ୍କ ମଧ୍ୟରୁ ଭାରତୀୟ ପର୍ଯ୍ୟଟକଙ୍କ ସଂଖ୍ୟା ମାତ୍ର ୩ ଦଶମିକ ୯ ପ୍ରତିଶତ।

---

# ଇସ୍ରାଏଲ-ବେଞ୍ଜାମିନ୍ ନେତନ୍ୟାହୁ

ଇସ୍ରାଏଲ ପ୍ରଧାନମନ୍ତ୍ରୀ ବେଞ୍ଜାମିନ ନେତନ୍ୟାହୁ କହିଛନ୍ତି, ଗାଜା-ଇଜିପ୍ଟ ସୀମାରେ ଥିବା ଫିଲାଡେଲଫି କରିଡରରେ ଇସ୍ରାଏଲ ପ୍ରତିରକ୍ଷା ବାହିନୀକୁ ମୁତୟନ ରଖିବା’ ଇସ୍ରାଏଲ ପାଇଁ ଏକ ରଣନୈତିକ ଆବଶ୍ୟକତା ଏବଂ ଜରୁରୀ ଅଟେ । ଏକ ବିବୃତ୍ତିରେ ନେତନ୍ୟାହୁ କହିଛନ୍ତି, ଯୁଦ୍ଧ ଲକ୍ଷ୍ୟ ହାସଲ କରିବା ପାଇଁ ଇସ୍ରାଏଲକୁ ୧୪ କିଲୋମିଟର ଅଞ୍ଚଳ ଜରୁରୀ।

ଗତ ସପ୍ତାହରେ ଗାଜା ସୁଡ଼ଙ୍ଗରେ ୬ ଜଣ ବନ୍ଧକଙ୍କୁ ହତ୍ୟା କରିବା ଅଭିଯୋଗରେ ହମାସକୁ ବହୁ ମୂଲ୍ୟ ଦେବାକୁ ପଡ଼ିବ ବୋଲି ନେତନ୍ୟାହୁ କହିଛନ୍ତି। ଇତିମଧ୍ୟରେ ହଜାର ହଜାର ଲୋକ ଗାଜାରେ ପଣବନ୍ଦୀ ଥିବା ଲୋକମାନଙ୍କୁ ଫେରାଇ ଆଣିବା ପାଇଁ ହମାସ ସହ ଅସ୍ତ୍ରବିରତି ନିମନ୍ତେ ଦାବି କରି ସମଗ୍ର ଦେଶରେ ରାଲି ଓ ବିକ୍ଷୋଭ ପ୍ରଦର୍ଶନ କରୁଛନ୍ତି।

---

# ପର୍ଯ୍ୟଟନ ମନ୍ତ୍ରୀ ସମ୍ମିଳନୀ

କେନ୍ଦ୍ର ପର୍ଯ୍ୟଟନ ଏବଂ ସଂସ୍କୃତି ମନ୍ତ୍ରୀ ଗଜେନ୍ଦ୍ର ସିଂହ ଶେଖାୱତ୍ ମେଘାଳୟର ସିଲଂ ଠାରେ ପର୍ଯ୍ୟଟନ ମନ୍ତ୍ରୀମାନଙ୍କ ସମ୍ମିଳନୀର ଅଧ୍ୟକ୍ଷତା କରିଛନ୍ତି । ଏହି ସମ୍ମିଳନୀରେ ପୂର୍ବାଞ୍ଚଳ ରାଜ୍ୟ ଏବଂ କେନ୍ଦ୍ର ଶାସିତ ପ୍ରଦେଶ ଗୁଡ଼ିକର ପର୍ଯ୍ୟଟନ ମନ୍ତ୍ରୀମାନେ ଭାଗ ନେଇଥିଲେ । ଏହି ଅବସରରେ ଶ୍ରୀ ଶେଖାୱତ୍ କହିଛନ୍ତି, ଦେଶରେ ପର୍ଯ୍ୟଟନର ବିକାଶ ନିମନ୍ତେ ମନ୍ତ୍ରଣାଳୟ ପକ୍ଷରୁ ସମସ୍ତ ରାଜ୍ୟ ଏବଂ କେନ୍ଦ୍ର ଶାସିତ ଅଞ୍ଚଳ ସହ ଅଧିକ ସହଯୋଗ ସୃଷ୍ଟି କରିବା ଲାଗି ଏଭଳି ସମ୍ମିଳନୀ ଆୟୋଜନ

କରୁଛି । ଏହା ପୂର୍ବରୁ ଚଣ୍ଡିଗଡ଼ ଏବଂ ଗୋଆରେ ବୈଠକ ହୋଇଯାଇଛି । ସେ କହିଛନ୍ତି, ବୈଠକରେ ବିଶ୍ୱସ୍ତରୀୟ ପ୍ରତିଷ୍ଠିତ ପର୍ଯ୍ୟଟନ ସ୍ଥଳୀ ଗୁଡ଼ିକର ବିକାଶ କରିବା, ବିକଳ୍ପ ପର୍ଯ୍ୟଟନ ସ୍ଥଳୀର ଚିହ୍ନଟ କରିବା, ସୁରକ୍ଷା, ଯୋଗାଯୋଗ ଏବଂ ସ୍ୱଚ୍ଛତା ସହ ବ୍ୟବସାୟର ସହଜ ଉପାୟ ଉପରେ ଆଲୋଚନା କରାଯାଇଛି । ସେ କହିଛନ୍ତି, ପର୍ଯ୍ୟଟନ ଉଦ୍ୟୋଗର ସାର୍ବଜନୀନ ବିକାଶ ନିମନ୍ତେ ସରକାରୀ ଘରୋଇ ଭାଗିଦାରୀ ଅନ୍ତର୍ଗତ । ଘରୋଇ ନିବେଶ ନିମନ୍ତେ ଅଭିଯାନ ଜାରି ରହିଛି । ସ୍ୱଦେଶ ଦର୍ଶନ ଯୋଜନା ଏବଂ ପ୍ରସାଦ ଯୋଜନା ସମେତ ଅନ୍ୟ କେତେକ ସରକାରୀ ଯୋଜନା ସମ୍ପର୍କରେ ମନ୍ତ୍ରୀ ଶ୍ରୀ ଶେଖାୱତ୍ ଆଲୋଚନା କରିଥିଲେ । ରାଜ୍ୟ ଗୁଡ଼ିକ ବିଭିନ୍ନ କ୍ଷେତ୍ରରେ ପର୍ଯ୍ୟଟନର ବିକାଶ ପାଇଁ ପ୍ରସ୍ତାବ ଦେବାକୁ ସେ ଆହ୍ୱାନ ଦେଇଥିଲେ । ଆଜି ମନ୍ତ୍ରୀ ଶ୍ରୀ ଶେଖାୱତ ରାଜ୍ୟ ଏବଂ ଜିଲ୍ଲା ସ୍ତରର ଅଧିକାରୀମାନଙ୍କ ସହ ସମୀକ୍ଷା ବୈଠକ କରିବାର କାର୍ଯ୍ୟକ୍ରମ ରହିଛି ।

---